## "ଫ୍ରାଇ" ଜାଆଁଳ ଉତ୍ପାଦନ : "ସ୍ପନ୍" ବା ଛୋଟ ଜାଆଁଳ ପାଳନ




"ସ୍ପନ୍" ହେଉଛି ଛୋଟ ଜାଆଁଳର ନାମ ଯାହା ତିନି ଦିନର ହୋଇଥାଏ, ଏଗୁଡ଼ିକ ହ୍ୟାଚେରୀରୁ ପ୍ରାପ୍ତ ହୁଏ। ଅନେକ ସମୟରେ ଏହି ଛୋଟ ମାଛ ଗୁଡ଼ିକୁ ହେଚ୍‌ଲିଙ୍ଗସ୍ କୁହାଯାଏ। ଭାକୁଡ଼, ରୋହି ଓ ମିରିକାଳିର ସ୍ପନ୍ ଗୁଡ଼ିକ ୬ରୁ ୮ ମି.ମି. ଲମ୍ବା ହୁଅନ୍ତି। ଏହି ଅବସ୍ଥାରେ ସେମାନେ 'କେସର ମୁଣା'ରୁ ଶୋଷନ୍ତି ଏହା ଦ୍ୱାରା ସେମାନଙ୍କର ମୁହଁ ଖୋଲେ ଓ ଫିନସ୍ ଗୁଡ଼ିକ ବଢ଼େ। ସ୍ପନ୍ ଗୁଡ଼ିକୁ କ୍ରମାଗତ ବଢ଼ାଇବା ପାଇଁ ଚାଷ କରାଯାଏ, ପ୍ରଥମେ "ଫ୍ରାଇ" ଆକାରର ଓ ପରେ "ଫିଙ୍ଗରଲିଙ୍ଗସ୍" ଆକାରର କରିବା ପାଇଁ। ଏହି ତିନି ଅବସ୍ଥାରେ ଏହାକୁ ବଜାରରେ ବିକ୍ରୀ କରାଯାଇ ପାରେ ଏବଂ ଏସବୁକୁ ଏକତ୍ର ଭାବରେ "ମାଛ ମଞ୍ଜି" ବୋଲି କୁହାଯାଏ।

ପୋଖରୀ ଏବଂ ଟେଙ୍କରେ "ଫିଙ୍ଗରଲିଙ୍ଗସ୍" ସଂଗ୍ରହ କରିବା ସବୁଠାରୁ ଉତ୍ତମ। ଏହି ମାଛଗୁଡ଼ିକ ୧୦୦ରୁ ୧୫୦ ମି.ମି. ଲମ୍ବା ଥାନ୍ତି। 'ଫ୍ରାଇ' ଜାଆଁଳ ଅତି ସହଜରେ ମିଳିଥାଏ, ଏଗୁଡ଼ିକ ଏତେ ବଡ଼ ହୁଅନ୍ତି ନାହିଁ, ମାତ୍ର ସିଧାସଳଖ "ଫ୍ରାଇ"କୁ ପୋଖରୀରେ ଛାଡ଼ିଲେ, ଅନେକ ସମୟରେ ତାଙ୍କର ବଞ୍ଚିବାର ମାତ୍ରା ହ୍ରାସ ପାଇଥାଏ।




'ସ୍ପନ୍' ଚାଷ କରିବା ପାଇଁ ଛୋଟ, ଅଳ୍ପ ଗଭୀର ବର୍ଷାଋତୁର ପୋଖରୀ ସବୁଠାରୁ ଉତ୍ତମ, ଯାହାକି ଜାଆଁଳ ପାଳନ ପୋଖରୀ ବୋଲି କୁହାଯାଏ। ଗୋଟିଏ ନର୍ସରୀ ପୋଖରୀ ଅନେକ ସମୟରେ ୫ ଏବଂ ୧୦ ଡ଼େସିମାଲ୍ ମଧ୍ୟରେ ହୁଏ (୦.୦୨-୦.୦୪ ଏକର ଆକାରର) ଏବଂ ଗଭୀର ୧ ମିଟରରୁ ୧.୫ ମିଟର ହୁଏ। ଏହି ଛୋଟ ପୋଖରୀ ଗୁଡ଼ିକ :

- ଜଳରେ ଅକ୍ସିଜାନ୍ ପାଆନ୍ତି।
- ନମୁନା ସଂଗ୍ରହ ଓ ଅମଳ ପାଇଁ ସୁବିଧା ହୁଏ।
- ଉର୍ବର କରିବା ପାଇଁ ଓ ସଂକ୍ରମଣରୁ ରକ୍ଷା କରିବା ପାଇଁ ସହଜ ହୁଏ।
- ଅଳ୍ପ ପାଣି ଦରକାର ହୁଏ ବାହାର କରିବା ପାଇଁ ଓ ପୁରାଇବା ପାଇଁ।



**ମନେରଖ :**

- ଆରମ୍ଭ କରବା ପୂର୍ବରୁ ଯତ୍ନ ପୂର୍ବକ ଯୋଜନା କର।
- ପୋଖରୀରେ ସ୍ପନ୍ ଛାଡ଼ିବା ପୂର୍ବରୁ ଅତି ସାବଧାନତା ସହ ସ୍ପନ୍‌କୁ ଉଙ୍ଗାଇ ଆଣିବା ଆବଶ୍ୟକ।
- ସ୍ପନ୍‌କୁ ଛୋଟ ଅଗଭୀର, ସୁରକ୍ଷିତ ପାଳନ ପୋଖରୀରେ ଚାଷ କରିବା ଉଚିତ୍।

ସ୍ପନ୍‌ର ମୁହଁ ବହୁତ ଛୋଟ ଓ ସିଏ ଖୁବ୍ ଛୋଟ ପହଁରୁଥିବା ଜୀବକୁ ଖାଏ, ଯାହାକୁ ଜୁ ପ୍ଲାଂକଟନ୍ କୁହାଯାଏ, ଯାହାକୁ ଏହି ସ୍ପନ୍ ସହଜରେ ହଜମ କରିପାରେ।

ପୋଖରୀକୁ ଉର୍ବରା କରିବା ଦ୍ୱାରା ଏହା ଅତ୍ୟଧିକ ପରିମାଣରେ ଜୁ ପ୍ଲାଂକଟନ୍ ଉତ୍ପାଦନ କରେ ଯେପରି 'ରୋଟିଫାର୍'। ଏହା ବିଲାତି ରୋହି, ଭାକୁଡ଼, ରୋହି ଓ ମିରିକାଳିର ସ୍ପନ୍ ପାଇଁ ସବୁଠାରୁ ଭଲ ଖାଦ୍ୟ ଏହା ଖାଇ ସେମାନେ ଭଲ ଭାବରେ ବଢ଼ନ୍ତି ଓ ବଞ୍ଚିବାର ମାତ୍ରା ମଧ୍ୟ ବଢ଼େ।







ଜାଆଁଳ ପାଳନ ପୋଖରୀର ପରିଚାଳନା ତିନି ସ୍ତରରେ ହୁଏ, ଏବଂ ପ୍ରତ୍ୟେକଟି ସ୍ତରକୁ ଖୁବ୍ ଧ୍ୟାନପୂର୍ବକ କରିବା ପାଇଁ ହୁଏ।

- ସ୍ପନ୍ ଛାଡ଼ିବା ପୂର୍ବରୁ
- ସ୍ପନ୍ ଛାଡ଼ିବା ବେଳେ
- ସ୍ପନ୍ ଛାଡ଼ିବା ପରେ



## ସ୍ପନ୍ ସଂଗ୍ରହ କରିବା ପୂର୍ବରୁ

**ଦଳ ଗୁଡ଼ିକ ବାହାର କରିଦିଅନ୍ତୁ।**




**ଲୁଣ୍ଠନକାରୀ ବା କ୍ଷତିକାରକ ଜୀବକୁ ବାହାର କରିଦିଅନ୍ତୁ।**




**କୀଟପତଙ୍ଗଙ୍କୁ ବାହାର କରନ୍ତୁ।**




**ଗୋଟିଏ ନର୍ସରୀ ପୋଖରୀ ତିଆରୀ କରିବା ପାଇଁ ଚାରୋଟି ପଦକ୍ଷେପ ନେବାକୁ ପଡ଼ିବ।**

### ପୋଖରୀଟି ଦଳଶୂନ୍ୟ ହେବା ଆବଶ୍ୟକ :

ନର୍ସରୀ ପୋଖରୀର ତଳେ କିମ୍ବା ଆଖପାଖର ଚାରିପାଖରେ ପାଣିର ଲାଇନ୍ ପର୍ଯ୍ୟନ୍ତ ଦଳ କିମ୍ବା କୌଣସି ଗଛ ରହିବା ଉଚିତ୍ ନୁହେଁ। ଏହା ଏଇଥି ପାଇଁ କାହିଁକି ନା ଗଛଗୁଡ଼ିକ :

- କ୍ଷତିକାରକ ପୋକ ଜୋକକୁ ପ୍ରଜନନ ପାଇଁ ସୁବିଧା ଦେବେ।
- ଏଗୁଡ଼ିକ ପୋଖରୀର ସାରକୁ ବ୍ୟବହାର କରିବେ
- ଏହି ଆଶ୍ରୟ ପାଇଥିବା କୀଟପତଙ୍ଗ ସ୍ପନ୍‌କୁ ଶିକାର କରିବେ ଓ ଖାଦ୍ୟରେ ପ୍ରତିଦ୍ୱନ୍ଦି ହେବେ।
- ଏମାନେ ଖାଦ୍ୟ ଓ ସ୍ଥାନ ପାଇଁ ସ୍ପନ୍ ସହିତ ପ୍ରତିଯୋଗୀତା କରିବେ।
- ସ୍ପନ୍ ଓ ଫ୍ରାଇର ଚଳପ୍ରଚଳରେ ବାଧା ସୃଷ୍ଟି କରିବେ ଯାହା ଫଳରେ ଅମଳ କମିଯିବ।

ଆପଣ ହୁଏତ ଆଉ କିଛି ସାହାଯ୍ୟ ଦରକାର କରୁଛନ୍ତି, ଆପଣଙ୍କ ନର୍ସରୀ ପୋଖରୀକୁ ପୁରାପୁରୀ ଭାବରେ ଦଳମୁକ୍ତ କରିବା ପାଇଁ।

### ପୋଖରୀ ପରମାଂସ ଭକ୍ଷି/ ଦଳିୟ ମାଛରୁ ମୁକ୍ତ ହେବା ଆବଶ୍ୟକ।

ସଦାବେଳେ ପାଣି ରହୁଥିବା ସ୍ଥାୟୀ ପୋଖରୀରେ ପରମାଂସଭକ୍ଷି ଓ ଜଳୀୟ ମାଛ ପ୍ରାୟ ସବୁବେଳେ ଥାଆନ୍ତି; ତେଣୁ କରି ଗୋଟିଏ ବର୍ଷାଋତୁର ପୋଖରୀ ଭଲ। ଯାହା ହେଉନା କାହିଁକି ଗୋଟିଏ ବର୍ଷାଋତୁର ପୋଖରୀରେ ପରମାଂସଭକ୍ଷି ମାଛ ନାହାନ୍ତି ବୋଲି ପ୍ରତିଶ୍ରୁତି ଦେଇ ହେବ ନାହିଁ।

ବହୁତ ପରମାଂସ ଭକ୍ଷି ମାଛ ବର୍ଷାଦିନରେ ଅତି ସହଜରେ ପୋଖରୀରେ ପଶିଥାନ୍ତି। ଯଦି ଏହି ପ୍ରକାରର ମାଛ ପୋଖରୀରେ ରହିଛି ତେବେ ତାକୁ ସଂପୂର୍ଣ୍ଣ ଭାବରେ ବାହାର କରି ଦିଅନ୍ତୁ।

ଗୋଟିଏ ୫ ଡ଼େସିମାଲ୍‌ର ନର୍ସରୀ ପୋଖରୀ ଯାହାର ଗଭୀର ୧ ମିଟର, ସେଥିରେ ଉତ୍ତମ ଧରଣର ୭ କେଜି ବ୍ଲିଚିଂ ପାଉଡ଼ର ପକାଇଲେ ମାଛ ସବୁ ମରିଯିବେ। ଆଉ ଗୋଟିଏ ଉପାୟ ହେଉଛି ବ୍ଲିଚିଂ ପାଉଡ଼ର ପକାଇବାର ୧୮ରୁ ୨୪ ଘଣ୍ଟା ପୂର୍ବେ ପୋଖରୀରେ ୨ କେଜି ଇଉରିଆ ପକାନ୍ତୁ, ଯଦି ଆପଣ ଏହି ଉପାୟ କରୁଛନ୍ତି ତେବେ କେବଳ ଅଧା ବ୍ଲିଚିଂ ପାଉଡ଼ର (୩.୫ କେଜି) ପକାଇବା ଆବଶ୍ୟକ।

### ପୋଖରୀଟି ଜଳୀୟ କୀଟପତଙ୍ଗରୁ ମୁକ୍ତ ହେବା ଆବଶ୍ୟକ

ପତଙ୍ଗଗୁଡ଼ିକ ଗୋଟିଏ ପୋଖରୀରୁ ଅନ୍ୟ ପୋଖରୀକୁ ଉଡ଼ିଯାଆନ୍ତି। ସେମାନେ ନର୍ସରୀ ମାନଙ୍କରେ ମଧ ବାସ କରନ୍ତି, ଯେଉଁଠାରେ କି ଖୁବ୍ ଶୀଘ୍ର ସେମାନେ ବଂଶ ବଢ଼ାଇ ଥାନ୍ତି। ଏହି ପତଙ୍ଗ ଗୁଡ଼ିକ ମାଛର ସ୍ପନ୍‌କୁ ଖାଇ ଦିଅନ୍ତି। ଏମାନେ ସ୍ପନର ଖାଦ୍ୟ ପାଇଁ ତା ସହିତ ପ୍ରତିଯୋଗୀତା କରନ୍ତି। ପତଙ୍ଗ ଗୁଡ଼ିକ ପୁରାପୁରୀ ନିୟନ୍ତ୍ରଣ କରିବା ଆବଶ୍ୟକ ଏବଂ ସେମାନଙ୍କର ସଂଖ୍ୟା ମଧ କମ୍ କରିଦେବା ଉଚିତ୍।

ସ୍ପନ୍‌କୁ ପୋଖରୀରେ ଛାଡ଼ିବାର ୧୨ ଘଣ୍ଟା ପୂର୍ବରୁ ପୋଖରୀରେ, ଗୋଟିଏ ଘୋଳ ତିଆରି କରନ୍ତୁ ସାବୁନ, ଖାଇବା ତେଲ ଓ ଉଷୁମ ପାଣିର (ପ୍ରତି ୫ ଡ଼େସିମାଲ ନର୍ସରୀ ପୋଖରୀ ପାଇଁ ୩୦୦ ଗ୍ରାମ ସାବୁନ ଓ ୧ ଲିଟର ଖାଇବା ତେଲ) ଏହାକୁ ସନ୍ଧ୍ୟା ବେଳେ ପାଣିର ଉପର ଅଂଶରେ ପକାନ୍ତୁ, ସନ୍ଧ୍ୟା ସମୟରେ ପବନ ନଥାଏ। ସାବଧାନତାର ସହ ଏହାକୁ ପୋଖରୀ ପାଣିର ଉପର ଅଂଶରେ ପୁରାପୁରୀ ଘୋଡ଼େଇ ଦିଅନ୍ତୁ।

ସ୍ପନ୍‌କୁ ତା ପରଦିନ ସକାଳେ ଯେତେବେଳେ ପାଗ ଥଣ୍ଡା ଥିବ ଓ ପୋଖରୀ ପାଣିର ତାପ ବଢ଼ି ନଥିବ ସେତେବେଳେ ଛାଡ଼ନ୍ତୁ।

ବର୍ତ୍ତମାନ ଆଉ ଗୋଟିଏ ପଦକ୍ଷେପ

## ପୋଖରୀରେ ସାର ଦେବା




### ପୋଖରୀ ମାଛ ଖାଦ୍ୟର ଜୀବରେ ପୂର୍ଣ୍ଣ ହେବା ଆବଶ୍ୟକ।

ସାଧାରଣତଃ ପୋଖରୀରେ ମାଛର ଖାଦ୍ୟ ବହୁତ କମ୍ ପରିମାଣରେ ଥାଏ, ମାତ୍ର ଯେତେବେଳେ ଆମେ ଖତ ଓ ସାର ପୋଖରୀରେ ପକାଉ ତାହା ଅତି ଶୀଘ୍ର ବଢ଼ିଯାଏ।

ଖତ ପୋଖରୀକୁ ଧିରେ ଧିରେ ଉର୍ବରା କରେ, ତେଣୁ ଏହା ଏତେ ଭଲ ନୁହେଁ ଯଦି ଆପଣ ପୋଖରୀରେ ଶୀଘ୍ର ଜାଆଁଳ ଛାଡ଼ିବା ପାଇଁ ଚାହାନ୍ତି।

ଖତର ସାର ଅଂଶ ଗୁଡ଼ିକ ଅମ୍ଳ ମାଟିରେ ବନ୍ଦ ହୋଇଯାଏ, ଯାହାକି ପଶ୍ଚିମ ଓଡ଼ିଶାରେ ସାଧାରଣ ବିଷୟ। ଆପଣ ଆପଣଙ୍କର ମାଟିକୁ ପରୀକ୍ଷା କରି ତାର ଅମ୍ଳତ୍ୱ ମାପନ୍ତୁ ଯାହାକୁ କୁହାଯାଏ ପିଏଚ୍ (pH) ଯଦି ପିଏଚ୍ ୭ରୁ କମ୍ ଥାଏ ତେବେ ଆପଣ ଚୂନ ମିଶାଇବେ। ପ୍ରଥମେ ଆରମ୍ଭ କରିବେ ୫ ଡ଼େସିମାଲ ନର୍ସରୀ ପୋଖରୀ ପାଇଁ ୫ କେଜି। (୨୫୦ କେଜି ଏକ ଏକର ପାଇଁ) ତାପରେ ପୁଣି ୩-୪ ଦିନ ପରେ ଆଉଥରେ ପରୀକ୍ଷା କରିବେ ଦେଖିବେ ତାହା ୭କୁ ଆସିଛି କି ନାହିଁ।

କୁକୁଡ଼ା ଖତ ଅପେକ୍ଷା ଗୋବର ଖତ ଭାଙ୍ଗି ମିଶିବା ପାଇଁ ଟିକେ ବେଶୀ ସମୟ ନିଏ। ଗୋବର ଖତ ୧୦୦ କେଜି ଓ କୁକୁଡ଼ା ଖତ ୫୦ କେଜି ଏକତ୍ର ମିଶାଇ ବ୍ୟବହାର କଲେ ଏହା ଶସ୍ତା ପଡ଼ିବ ଏବଂ ଫଳପ୍ରଦ ହେବ। ପୋଖରୀର ପାଣି ପିଙ୍ଗଳ ବର୍ଣ୍ଣ ଦେଖାଯିବ ଏବଂ ଦୁଇ ସପ୍ତାହ ଭିତରେ ସେଥିରେ ଅନେକ ଜୁ ପ୍ଲାଂକଟନ୍ ତିଆରୀ ହେବେ। ସେତେବେଳେ ଆପଣ ସ୍ପନ୍‌କୁ ପୋଖରୀରେ ସଂଗ୍ରହ କରିପାରନ୍ତି।

ପୋଖରୀରେ ପ୍ରଚୁର ପରିମାଣରେ ପ୍ଲାଂକଟନ୍ ଅଛି କି ନାହିଁ ପରୀକ୍ଷା କରିବା ପାଇଁ ହାତକୁ ୪୫ ଡ଼ିଗ୍ରୀ କୋଣରେ କହୁଣୀ ପର୍ଯ୍ୟନ୍ତ ପାଣିରେ ବୁଡ଼ାନ୍ତୁ ଯଦି ଆପଣ ଆପଣଙ୍କର ମୁଠାକୁ ଦେଖି ପାରୁଛନ୍ତି ତେବେ ଏ ପର୍ଯ୍ୟନ୍ତ ପୋଖରୀ ପ୍ରସ୍ତୁତ ହୋଇନାହିଁ। ମାତ୍ର ଯଦି ମୁଠା ଦେଖି ପାରୁନାହାନ୍ତି ତେବେ ପୋଖରୀ ସ୍ପନ୍ ଛାଡ଼ିବା ପାଇଁ ପ୍ରସ୍ତୁତ ଅଛି।

## ସ୍ପନ୍ ସଂଗୃହୀତ କରିବା ବା ଛାଡ଼ିବା

ସ୍ପନ୍ ଗୁଡ଼ିକୁ ସାଧାରଣତଃ ପ୍ଲାଷ୍ଟିକ୍ ମୁଣାରେ ପେକ୍ କରାଯାଏ। ସ୍ଥାନାନ୍ତର କରିବା ସମୟରେ ପାଣି ଓ ଅକ୍ସିଜାନ୍ ଦେଇ ମୁଣାର ମୁହଁ ବନ୍ଦ କରି ଦିଆଯାଏ।

ଯେତେବେଳେ ଆପଣ ନର୍ସରୀ ପୋଖରୀରେ ସ୍ପନ୍ ଗୁଡ଼ିକୁ ଛାଡ଼ିବେ, ସେତେବେଳେ ଅଳ୍ପ ପୋଖରୀ ପାଣି ସେହି ମୁଣା ମଧ୍ୟରେ ପ୍ରବେଶ କରିବା ପାଇଁ ଦିଅନ୍ତୁ ଆପଣ ମୁଣା ଭିତରେ ପାଣିର ତାପକୁ ଏତେ ଶୀଘ୍ର ପରିବର୍ତ୍ତନ ହେବାକୁ ଦିଅନ୍ତୁ ନାହିଁ।

ସ୍ପନ୍ ଗୁଡ଼ିକୁ ନିଜେ ପହଁରୀ ପହଁରୀ ମୁଣାରୁ ବାହାରି ଯିବାକୁ ଦିଅନ୍ତୁ ତା ପରେ ବାକିକୁ ପାଣିରେ ଢ଼ାଳି ଦିଅନ୍ତୁ।



ଆମେ ସାଧାରଣତଃ ୫୦ ଲକ୍ଷରୁ ଅଧିକା ସ୍ପନ୍ ଏକ ଏକରର ପୋଖରୀରେ ଛାଡୁନାହୁ, ତେଣୁ ଆମେ ୫ ଡ଼େସିମାଲ ନର୍ସରୀ ପୋଖରୀରେ ୧ ଲକ୍ଷ ସ୍ପନ୍ ଛାଡ଼ି ପାରିବା।

ଯଦି ଆପଣ ଭାରତର ପ୍ରଧାନ ତିନୋଟି ପ୍ରଜାତିର ସ୍ପନ ଅଲଗା ଅଲଗା ପାଇ ପାରୁଛନ୍ତି, ତେବେ ଏହା ଖୁବ୍ ଭଲ ହେବ ଯେ ଗୋଟିଏ ପ୍ରଜାତିକୁ ଅଲଗା ଛାଡ଼ି ଚାଷ କରନ୍ତୁ। ତେବେ ଅମଳ ସମୟରେ 'ଫ୍ରାଇ' ଜାଆଁଳ (ଛୋଟ ଜାଆଁଳ) ଭାକୁଡ଼, ରୋହି ଓ ମିରିକାଳିକୁ ଠିକ୍ ଭାଗରେ ମିଶାଇ ଫିଙ୍ଗରଲିଙ୍ଗସ୍ ଆକାରର କରିବା ପାଇଁ ଚାଷ କରି ହେବ।

## ସ୍ପନ୍ ଛାଡ଼ିବା ପରେ

ସ୍ପନ ପ୍ଲାଂକଟନ ଖାଏ ଏବଂ ଆମର ଦରକାର ପୋଖରୀରେ ଖତ ପକାଇ ପ୍ଲାଂକଟନ୍‌ର ମାତ୍ରାକୁ ବଢ଼ାଇ ରଖିବା।

ଅଳ୍ପ ଅଳ୍ପ ପରିମାଣର ଖତ (୨୫ କେଜି ଗୋବର ଖତ ଏବଂ ୧୫ କେଜି କୁକୁଡ଼ା ଖତ) ପ୍ରତି ପାଞ୍ଚ ଦିନରେ ପକାଇବା ଜାଆଁଳ ଛାଡ଼ିବା ପରେ ଅଥବା ଯେତେବେଳେ ପାଣି ପରିଷ୍କାର ଦେଖାଯିବ। ଖତକୁ ପଚାଣି ମାରି ପକାଇଲେ ସେଥିରେ ବେଶୀ ଅକ୍ସିଜାନ ବ୍ୟବହୃତ ହୁଏ ନାହିଁ। ଖତ ବଦଳରେ ଆପଣ ବାୟୋଗ୍ୟାସରୁ ବାହାରୁଥିବା ଗୋବରକୁ ବ୍ୟବହାର କରି ପାରନ୍ତି।



ସ୍ପନ୍ ଖୁବ୍ ଭଲରେ ବଢ଼ିବ ଯଦି ତାକୁ ଟିକେ ଅଧିକା ଖାଦ୍ୟ ଦିଆଯାଏ। ଧାନକୁଣ୍ଡା ଓ ଚିନାବାଦାମ ପିଡ଼ିଆକୁ ଭଲରେ ଗୁଣ୍ଡ କରି ଛାଣି, ଦୁଇଟିର ମାତ୍ରା ସମାନ ସମାନ ରଖି ଓଜନ କରି ଦେବା ଉଚିତ୍।

ପ୍ରତି ୫ ଡ଼େସିମାଲ ନର୍ସରୀ ପୋଖରୀରେ ପ୍ରତିଦିନ ୧୦୦ ଗ୍ରାମ କରି ପ୍ରଥମ ୫ ଦିନ ଦିଅନ୍ତୁ ସେହିପରି ୨୦୦ ଗ୍ରାମ ୬ ଦିନରୁ ୧୦ ଦିନ ପର୍ଯ୍ୟନ୍ତ ଦିଅନ୍ତୁ ଏବଂ ପ୍ରତିଦିନ ୩୦୦ ଗ୍ରାମ କରି ତାପର ପାଞ୍ଚ ଦିନ ଦିଅନ୍ତୁ।

ଅଧା ଖାଦ୍ୟ ସକାଳେ ଓ ଅଧା ଖାଦ୍ୟ ସନ୍ଧ୍ୟାବେଳେ ଦିଅନ୍ତୁ। ପୋଖରୀର ବନ୍ଧ ଉପରୁ ସେହି ଖାଦ୍ୟକୁ ସମାନ ଭାବରେ ଚାରିଆଡ଼େ ବିଞ୍ଚି ଦିଅନ୍ତୁ କେବଳ ଧ୍ୟାନ ରଖିବେ ତାହା ପବନରେ ଉଡ଼ିନଯାଏ।



୧୫ ଦିନ ପରେ ସେହି 'ଫ୍ରାଇ' ଛୋଟ ଜାଆଁଳ ବଢ଼ି ପ୍ରାୟ ୨୫ ମି.ମି.ର ହୋଇ ଯାଆନ୍ତି ଆପଣ ଏହି ସମୟରେ ସେମାନଙ୍କୁ ଅମଳ କରିପାରନ୍ତି ଗୋଟିଏ ଭିଡ଼ାଜାଲ ସାହାଯ୍ୟରେ। ଏହା ପରେ ଆପଣ ତାକୁ ବିକ୍ରୀ କରିପାରନ୍ତି ଅଥବା ସେଗୁଡ଼ିକ ଫିଙ୍ଗରଲିଙ୍ଗସ୍ ଆକାରର ବଢ଼ାଇବା ପାଇଁ ଆଉ ଗୋଟିଏ ବଡ଼ ପୋଖରୀରେ ଚାଷ କରି ପାରନ୍ତି। ଫ୍ରାଇ ଜାଆଁଳକୁ ଅମଳ କରିବାର ପୂର୍ବଦିନ ଖାଦ୍ୟ ଦିଅନ୍ତୁ ନାହିଁ। ସେଗୁଡ଼ିକୁ ଭୋର ସକାଳେ ଧରି ଦିଅନ୍ତୁ ତାପରେ ସେମାନଙ୍କୁ ଗୋଟିଏ ହାପାରେ ୨ ଘ ଧରି ରଖି ପ୍ରକୃତିସ୍ଥ କରନ୍ତୁ ସେଗୁଡ଼ିକୁ ପେକ୍ କରିବା ପୂର୍ବରୁ।

ଯଦି ଆପଣ 'ସ୍ପନ'କୁ ସାବଧାନତାର ସହ ପାଳନ କରିବେ ତେବେ କମ୍ ସେ କମ୍ ୬୦% ବଞ୍ଚି ରହିବେ 'ଫ୍ରାଇ' ଜାଆଁଳର ଅବସ୍ଥା ପର୍ଯ୍ୟନ୍ତ।

ଆପଣଙ୍କ 'ସ୍ପନ' ନର୍ସରୀ ଦ୍ୱିତୀୟ ଥର 'ସ୍ପନ୍' ଚାଷ କରିବା ପାଇଁ ବ୍ୟବହୃତ ହୋଇପାରେ। ପ୍ରଥମ ଅମଳର ତିନି ଦିନ ପରେ ଦ୍ୱିତୀୟ ଚାଷ ପାଇଁ ଚାରା ଛଡ଼ା ଯାଇପାରେ। ଚାରା ଛାଡ଼ିବା ପୂର୍ବରୁ ଆପଣ ନିଶ୍ଚିତ ହେବା ଦରକାର ଯେ ଆପଣ ପୋଖରୀରେ ସାର ଦେଇଛନ୍ତି ଏବଂ ଜଳୀୟ ପୋକ ଜୋକକୁ ନିୟନ୍ତ୍ରଣ କରିଛନ୍ତି। ଆପଣ ଗୋଟିଏ ନର୍ସରୀ ପୋଖରୀରେ ଚାରିଥର ଫ୍ରାଇ ଜାଆଁଳ ଚାଷ କରି ପାରିବେ ଯଦି ହ୍ୟାଚେରୀରୁ ସ୍ପନ୍ ମିଳି ପାରିବ।

## ଦରକାରୀ ଯୋଗାଯୋଗ !

### ଆହୁରି ଅଧିକ ଉତ୍ତମ ଅଭ୍ୟାସ ନିର୍ଦ୍ଦେଶିକା

ଏହି ଶୃଙ୍ଖଳାରେ ଆହୁରି ଅନେକ ଗୁଡ଼ିକ ଉତ୍ତମ ଅଭ୍ୟାସ ନିର୍ଦ୍ଦେଶିକା ରହିଛି। ଆପଣ ଏହି ସଂଖ୍ୟାର ଓ ଅନ୍ୟ ଉତ୍ତମ ଅଭ୍ୟାସ ନିର୍ଦ୍ଦେଶିକାର ପ୍ରତିଲିପି ଗୁଡ଼ିକ ପାଇ ପାରିବେ ଆପଣଙ୍କର ସ୍ଥାନୀୟ ମତ୍ସ୍ୟସେବା କେନ୍ଦ୍ରରୁ, ଷ୍ଟ୍ରୀମ ଇଣ୍ଡିଆ ସଂଚାର କେନ୍ଦ୍ରରୁ, ଷ୍ଟ୍ରୀମ୍‌ର ଆଞ୍ଚଳିକ ଅଫିସ୍‌ରୁ ଓ ଷ୍ଟ୍ରୀମ ୱେବ ସାଇଟ୍‌ରୁ *www.streaminitiative.org*

ଆମର ଉତ୍ତମ ଅଭ୍ୟାସ ନିର୍ଦ୍ଦେଶିକା ଉପରେ ଆପଣଙ୍କର ମତାମତ ଆମ୍ଭେମାନେ ଜାଣିବା ପାଇଁ ଇଚ୍ଛୁକ। ଆପଣ ସେ ବିଷୟରେ ଆମକୁ ଜଣାଇ ପାରିବେ, ଫୋନ୍ ଦ୍ୱାରା, ଇ ମେଲ୍ ଦ୍ୱାରା, ଅଥବା ପତ୍ର ଦ୍ୱାରା, ଷ୍ଟ୍ରୀମ୍‌ର ଦେଶୀୟ କାର୍ଯ୍ୟାଳୟରେ ସଂଚାର କେନ୍ଦ୍ର ପ୍ରବନ୍ଧକଙ୍କୁ ଜଣାଇ ପାରିବେ।

**ଆପଣଙ୍କ ସ୍ଥାନୀୟ ମତ୍ସ୍ୟ ସେବା କେନ୍ଦ୍ରର ଠିକଣା :**

### ଷ୍ଟ୍ରୀମ୍ କଂଟ୍ରୀ ଅଫିସର ଠିକଣା :

ଷ୍ଟ୍ରୀମ୍ କଂଟ୍ରୀ ଅଫିସ (ଭାରତ)
ଡିଉପ୍ଲେକ୍ସ – ୦୨ ଟି.ଏସ୍.ହୋମସ୍
ଟଙ୍କପାଣି ରୋଡ଼
ଭୁବନେଶ୍ୱର – ୧୮
ଫୋନ୍: **୦୬୭୪ - ୨୩୮୧୮୫୧**
ଫେକ୍ସ : ୦୬୭୪- ୨୩୮୧୮୫୧
ଇ-ମେଲ: *streamin@sancharnet.in*

20425

### ୱାଲଫ ଅଫିସର ଠିକଣା :

STREAM Support to Regional Aquatic Resources Management

nr international